ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.56, Bhubaneswar Wednesday, April 15,2020 | ୨୩ତମ ବର୍ଷ ସଂଖ୍ୟା– ୫୬ ଭୁବନେଶ୍ୱର, ବୁଧବାର ଅପ୍ରେଲ ୧୫,୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଦେଶରେ ଲକ ଡାଉନ ୩ ମଇ ଯାଏ ବଢ଼ିଲା

୨୦ ଏପ୍ରିଲରୁ କିଛି କ୍ଷେତ୍ର ସର୍ତ୍ତମୂଳକ କୋହଳ ହେବ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନ ଦେଶବାସୀଙ୍କୁ ସମ୍ବୋଧନ କରି କରୋନା ମହାମାରୀରୁ ପ୍ରସାରକୁ ରୋକିବା ପାଇଁ ଦେଶବ୍ୟାପୀ ଚାଲିଥିବା ଲକ ଡାଉନକୁ ଆଗାମୀ ମଇ ମାସ ୩ ତାରିଖ ଯାଏ ବଢା ଯିବା ସମ୍ପର୍କରେ ଘୋଷଣା କରିଛନ୍ତି। ଏହା ବ୍ୟତୀତ ସେ ସ୍ପଷ୍ଟ କରିଛନ୍ତି ଯେ କରୋନା ସଂକ୍ରମଣରୁ ବର୍ତ୍ତି ଥିବା ଅଂଚଳ ମାନଙ୍କର ଆଗାମୀ ୨୦ ଏପ୍ରିଲରୁ ଲକ ଡାଉନରେ ସର୍ତ୍ତମୂଳକ ରିହାତି ଦିଆ ଯାଇ ପାରେ। ଏ ସମ୍ପର୍କରେ ବିସ୍ତୃତ ଗାଇଡଲାଇନ ସରକାରଙ୍କ ପକ୍ଷରୁ ବୁଧବାର ଦିନ ଘୋଷଣା କରା ଯିବ ବୋଲି ସେ ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ସକାଳ ୧୦ଟାରେ ଜାତି ଉଦ୍ଦେଶ୍ୟରେ ସମ୍ବୋଧନରେ କହିଛନ୍ତି ଯେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବିଶେଷଜ୍ଞ ମାନଙ୍କର ପରାମର୍ଶ ଅନୁସାରେ ଲକଡାଉନର ଅବଧିକୁ ବଢା ଯିବା ଉଚିତ। କିଛି ରାଜ୍ୟ ଆଗରୁ ଲକ ଡାଉନକୁ ବଢାଇବାକୁ ଘୋଷଣା କରି ସାରିଛନ୍ତି। ସମସ୍ତଙ୍କ ମତାମତ ଅନୁସାରେ ଲକ ଡାଉନକୁ ଆଗାମୀ ତିନି ମଇ ଯାଏ ବଢା ଯିବାକୁ ସେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣର ଶେଷରେ ସାତଟି କଥା ଉପରେ ବିଶେଷ ଧ୍ୟାନ ଦେବାକୁ ଅପିଲ କରିଥିଲେ। ସେ କହିଥିଲେ ଯେ ବୟସ୍ତ ବ୍ୟକ୍ତି ଓ ବେମାର ଲୋକଙ୍କୁ ବିଶେଷ ଧ୍ୟାନ ଦିଆ ଯିବା ଆବଶ୍ୟକ। ସାମାଜିକ ଦୂରତ୍ୱ ପାଳନ କରିବା ସହ ମାସ୍କର ବ୍ୟବହାର କରନ୍ତୁ। ନିଜର ପ୍ରତିରୋଧକ ଶକ୍ତି ବଢାଇବାକୁ ଆୟୁଷ ମନ୍ତ୍ରଣାଳୟର ପରାମର୍ଶକୁ ପାଳନ କରନ୍ତୁ। ଆରୋଗ୍ୟ ସେତୁ ଆପକୁ ଡାଉନଲୋଡ କରନ୍ତୁ ଓ ଅନ୍ୟ ମାନଙ୍କୁ ଡାଉନଲୋଡ କରିବାକୁ କୁହନ୍ତୁ। ଗରୀବ ଲୋକ ମାନଙ୍କର ଦେଖାଶୁଣା କରନ୍ତୁ। ନିଜର କର୍ମଚାରୀ ମାନଙ୍କ କଥା ବୁଝନ୍ତୁ। ସେମାନଙ୍କୁ ଚାକିରୀରୁ ବାହାର କରନ୍ତୁ ନାହିଁ। କରୋନା ବିରୁଦ୍ଧରେ ଲଢେଇ ଲଢୁଛିବା ସ୍ୱାସ୍ଥ୍ୟ କର୍ମୀ ଓ ପୋଲିସକର୍ମୀଙ୍କୁ ସମ୍ମାନ କରନ୍ତୁ।

ଆବଶ୍ୟକ ପରିମାଣର ଔଷଧ ଓ ଯନ୍ତ୍ରପାତି ଗଚ୍ଛିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କୋଭିଡ୍-୧୯ ପରିପ୍ରେକ୍ଷୀରେ ରାଜ୍ୟରେ ଉପଲବ୍ଧ ଥିବା ଔଷଧ ସାମଗ୍ରୀ ସହିତ ତିନିପରସ୍ତ ମାସ୍କ, ବ୍ୟକ୍ତିଗତ ସୁରକ୍ଷା ଉପକରଣ, ଅକ୍ସିଜେନ୍ ସିଲିଣ୍ଡର ଇତ୍ୟାଦି ଯନ୍ତ୍ରପାତିଗୁଡ଼ିକ ଉପରେ ସମୀକ୍ଷା କରିଛନ୍ତି ଏବଂ ଆବଶ୍ୟକ ପରିମାଣରେ ଔଷଧ ଓ ଯନ୍ତ୍ରପାତି ଗଚ୍ଛିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖପାତ୍ର ସୁବ୍ରତ ବାଗଚୀ ସୂଚନା ଦେଇଛନ୍ତି।

ବିଭିନ୍ନ କେଭିଡ୍-୧୯ ହସ୍ପିଟାଲ୍, ଟେଷ୍ଟିଂ ସେଂଟର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନ ଗୁଡ଼ିକୁ ଔଷଧ ଓ ଯନ୍ତ୍ରପାତିର ସୁଷମ ବଂଟନ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍-୧୯ ପରିସ୍ଥିତିର ସଫଳ ମୁକାବିଲା ପାଇଁ ଅବଶ୍ୟକୀୟ ମାନବସମ୍ବଳର ଦକ୍ଷତା ସୃଷ୍ଟି ଏବଂ ଅଭିବୃଦ୍ଧି ଉପରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଆଗତୁରା ଯୋଜନା ପ୍ରସ୍ତୁତ କରି ଯଥେଷ୍ଟ ମାନବସମ୍ବଳର ନିୟୋଜନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କୋଭିଡ୍-୧୯ ମୁକାବିଲା କରିବା ପାଇଁ ୧.୮୩ ଲକ୍ଷ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ତାଲିମ ପ୍ରଦାନର ଲକ୍ଷ୍ୟ ଥିବାବେଳେ ସେଥି ମଧ୍ୟରୁ ୧.୫୩ ଲକ୍ଷ ଜଣଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି।

ରାଜ୍ୟରେ ସ୍ୱତନ୍ତ୍ର କୋଭିଡ୍-୧୯ ହସ୍ପିଟାଲଗୁଡ଼ିକ ଉପରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏକ ସପ୍ତାହ ମଧ୍ୟରେ ରାଜ୍ୟରେ ୩୦ଟି ଜିଲ୍ଲା ପାଇଁ ପ୍ରସ୍ତାବିତ ୩୫ଟି ହସ୍ପିଟାଲ୍ କାର୍ଯ୍ୟକ୍ଷମ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ବର୍ତ୍ତମାନ ୨୦ଟି ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହୋଇଛି।

ସଂକ୍ରମଣ ପ୍ରତିରୋଧ ଅଂଚଳ (କଂଟେନ୍ମେଂଟ ଜୋନ୍)ଗୁଡ଼ିକ ସଂପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏଥି ନିମନ୍ତେ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରି କାର୍ଯ୍ୟାନ୍ୱୟନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଓଡ଼ିଶାର ଶ୍ରମଜୀବୀମାନଙ୍କ ପାଖରେ ସହାୟତା ପହଂଚାଇବାକୁ ସଂପୃକ୍ତ ରାଜ୍ୟର ପଦାଧିକାରୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରି କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀ ବାଗଚୀ କହିଛନ୍ତି।

ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସନାତନ ବିଶିଙ୍କ ପରଲୋକ

ଭୁବନେଶ୍ୱର, (ପିଏନ)- ରାଜ୍ୟର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ରାଜ୍ୟସଭାର ପୂର୍ବତନ ସଦସ୍ୟ ସନାତନ ବିଶିଙ୍କ ପରଲୋକ ଘଟିଛି। ସମ୍ବଲପୁରରେ ନିଜ ଘରେ ଆଜି ସକାଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଉଲ୍ଲେଖନୀୟ ଯେ ସେ ରାଜ୍ୟସଭାର ସଦସ୍ୟ ଥିଲେ। ଏହା ବାଦ ସେ ରେଢାଖୋଲ ବିଧାନସଭା ଆସନରୁ ଦୁଇ ଧର ବିଧାନସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ନେଇଥିଲେ। ତାଙ୍କର ବିୟୋଗରେ ସାରା ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି।

ରାଜ୍ୟରେ ପୁଣି ୫ କରୋନା ପଜିଟିଭ୍

ଆକ୍ରାନ୍ତଙ୍କ ସଂଖ୍ୟା ୬୦କୁ ବୃଦ୍ଧି

ଭୁବନେଶ୍ୱର, (ପିଏନ)- ରାଜ୍ୟରେ ପୁଣି ୫ ଜଣ 'କରୋନା' ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଯାଜପୁର ଜିଲ୍ଲାର ହୋଇଥିବାବେଳେ ଅନ୍ୟ ୪ ଜଣ ଭୁବନେଶ୍ୱରର। ଏହାସହ ସଂକ୍ରମିତଙ୍କ ସଂଖ୍ୟା ୬୦କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚୀନା ଅନୁଯାୟୀ ଆକ୍ରାନ୍ତଙ୍କ ମଧ୍ୟରେ ଯାଜପୁରର ୬୧ ବର୍ଷୀୟ ପୁରୁଷ ରହିଛନ୍ତି। ଅନ୍ୟ ୪ ଟି କେସ୍ ମଧ୍ୟରୁ ଭୁବନେଶ୍ୱର ଝାରପଡା ଅଂଚଳର ଜଣେ ୫୦ ବର୍ଷୀୟ ପୁରୁଷ ରହିଛନ୍ତି। ୪୨ ନମ୍ବର ପଜେଟିଭ୍ ରୋଗୀ (ପ୍ରଥମ କରୋନା ମୃତ୍ୟୁ)ଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁ ସେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ସେହିପରି ବମିଖାଲର ୩ ଜଣଙ୍କ ମଧ୍ୟରୁ ଜଣେ ୫୧ବର୍ଷୀୟା ମହିଳା ଥିବାବେଳେ ଅନ୍ୟ ଦୁଇଜଣ ୭୦ବର୍ଷ ଓ ୫୧ବର୍ଷର ପୁରୁଷ। ଗତ ୨୪ଘଂଟା ମଧ୍ୟରେ ମୋଟ ୫୬୪ଟି ନମୂନା ପରୀକ୍ଷା ହୋଇଥିବା ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ମଙ୍ଗଳବାର ସକାଳ ୯ଟା ସୁଦ୍ଧା ଓଡ଼ିଶାରେ ୪୭୩୪ଟି ନମୁନା କୋଭିଡ୍-୧୯ ପରୀକ୍ଷା ପାଇଁ ପଠାଯାଇଛି। ବର୍ତମାନ ସୁଦ୍ଧା ସମୁଦାୟ ୬୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୧୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଜଣେ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଥିବାବେଳେ ୪୧ ଜଣ ଚିକିତ୍ସିତ ହେଉଛନ୍ତି। ସେହିପରି୧୧୫ ଜଣ କରୋନା ସନ୍ଦିଗ୍ଧ ବିଭିନ୍ନ ଚିକିତ୍ସାଳୟରେ ପୃଥକ୍‌ବାସରେ ଅଛନ୍ତି।

ରାଜ୍ୟରେ ଖୋଲିବ ଆଉ ୧୫ଟି କୋଭିଡ୍ ହସ୍ପିଟାଲ

ଭୁବନେଶ୍ୱର, (ପିଏନ)- କୋଭିଡ୍-୧୯ ଭୂତାଣୁରୁ ସଂକ୍ରମଣ ରୋକିବା ଦିଗରେ ଓଡ଼ିଶା ଏହାର ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ନିମେନ୍ତ ୨୦ଟି କୋଭିଡ୍-୧୯ ହସ୍ପିଟାଲ୍‌କୁ କାର୍ଯ୍ୟକ୍ଷମ କରିଛି। ରାଜ୍ୟର ୧୮ଟି ଜିଲ୍ଲା ଏଥିରେ ସାମିଲ ହୋଇପାରିଛି। ଏହିସବୁ କୋଭିଡ୍-୧୯ ହସ୍ପିଟାଲ୍‌ରେ ୩୪୨୦ଟି ଶଯ୍ୟା ଥିବାବେଳେ ୧୯୭ଟି ଆଇସିୟୁ ବେଡ୍ ରହିଛି। ଖୁବ୍‌ଶୀଘ୍ର ଅନ୍ୟ ୧୫ ଟି ଜିଲ୍ଲାରେ ଅତିରିକ୍ତ ୧୫ଟି କୋଭିଡ୍ ହସ୍ପିଟାଲ୍ ପ୍ରତିଷ୍ଠା ହେବାକୁ ଯାଉଛି ଏବଂ ଏଥିରେ ୨୨୮୨ଟି ଶଯ୍ୟା ଓ ୩୮ଟି ଆଇସିୟୁର ସୁବିଧା ରହିବ।

ଗରିବଙ୍କୁ ମିଳିବ ଅତିରିକ୍ତ ୫ କେଜି ଚାଉଳ ଓ ୧ କେଜି ଡାଲି

ଭୁବନେଶ୍ୱର, (ପିଏନ)- ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ଅନ୍ତ୍ୟୋଦୟ ଅନ୍ନ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କୁ ମାସକୁ ମୁଣ୍ଡପିଛା ୫ କିଗ୍ରା ଲେଖାଏଁ ଚାଉଳ ଏବଂ କାର୍ଡ ପିଛା ମାସକୁ ୧ କିଗ୍ରା ହରଡ଼ ଡାଲି ବିନାମୂଲ୍ୟରେ ତିନି ମାସ ପାଇଁ ଦିଆଯିବ। ଭାରତ ସରକାରଙ୍କ ଏହି ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ୮୦,୨୬,୩୭୫ ପରିବାରର ୨,୮୬,୦୬,୨୩୯ ଜଣ ହିତାଧିକାରୀ ଏବଂ ଅନ୍ତ୍ୟୋଦୟ ଅନ୍ନ ଯୋଜନାର ୧୨ ଲକ୍ଷ ୫୯ ହଜାର ୧୮୧ଟି ପରିବାରର ୩୮ ଲକ୍ଷ ୬୪ ହଜାର ୨୬୦ ଜଣ ହିତାଧିକାରୀ ଉପକୃତ ହେବେ। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୧ ଲକ୍ଷ ୧୬ ହଜାର ୭ ପରିବାରର ୩ ଲକ୍ଷ ୭୮ ହଜାର ୮୨୯ ଜଣ ହିତାଧିକାରୀ ଉପକୃତ ହେବେ ବୋଲି ସୁବ୍ରତ ବାଗଚୀ ଜଣାଇଛନ୍ତି। କୋଭିଡ୍-୧୯ ଭଳି ଏକ ବିଶେଷ ପରିସ୍ଥିତିରେ ଲକ୍ଷ ଲକ୍ଷ ଲୋକ ଯେଉଁମାନେ ଆନ୍ତରିକତାର ସହ ସଫେଇ ଓ ପରିମଳ ସେବା ଯୋଗାଇ ଦେଇ ଆସୁଛନ୍ତି ସେମାନଙ୍କର ନିଷ୍ଠା ଓ ପ୍ରତିବଦ୍ଧତା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

ଲକ୍ ଡାଉନ୍ ସମୟରେ ସୁବିଧାରେ କୃଷିଜାତ ସାମଗ୍ରୀର ପରିବହନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଏକ ସପ୍ତାହରେ ପ୍ରତି ଜିଲ୍ଲାରେ କୋଭିଡ୍ ହସ୍ପିଟାଲ

ଭୁବନେଶ୍ୱର, (ପିଏନ)- ଲକ୍ ଡାଉନ୍ ସମୟରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ପରିବହନ ତଥା କୃଷି କାର୍ଯ୍ୟ କରିବାରେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲିସ୍ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏହି ସମୟରେ ପାରିବାରିକ ହିଂସା ଚିନ୍ତାର ବିଷୟ ହୋଇଥିବାରୁ ଅଭ୍ୟାସଗତ ଅପରାଧୀମାନଙ୍କୁ ଚିହ୍ନଟ କରିବା ଏବଂ ଫୋନ୍ କଲ୍ ଜରିଆରେ ଅଭିଯୋଗକାରୀମାନଙ୍କୁ ସହାୟତା ଯୋଗାଇଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହା ବ୍ୟତୀତ ଆସନ୍ତା ଏକ ସପ୍ତାହ ମଧ୍ୟରେ ରାଜ୍ୟର ପ୍ରତି ଜିଲ୍ଲାରେ କୋଭିଡ୍ ହସ୍ପିଟାଲ ବ୍ୟବସ୍ଥା କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ରାଜ୍ୟରେ କରୋନା ସଂକ୍ରମଣ ପରିସ୍ଥିତି, ଚାଷୀଙ୍କ ସମସ୍ୟା ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଗତ ମଙ୍ଗଳବାର ଦିନ ଅନୁଷ୍ଠିତ ପ୍ରଥମ ସମୀକ୍ଷା ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଜି ସମୀକ୍ଷା କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଓଡିଶା ଭଲ କାମ କରିଥିବାରୁ ନିୟୋଜିତ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନ ଓ ପୋଲିସ୍ ଅଧିକାରୀ. ସଫେଇ କର୍ମଚାରୀ ଏବଂ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ସପ୍ତାହେ ମଧ୍ୟରେ ପ୍ରତି ଜିଲ୍ଲାରେ କୋଭିଡ୍ ହସ୍ପିଟାଲ ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟର ୩୬ ଟି ସ୍ଥାନରେ ୬ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ କରିବାପାଇଁ ବ୍ୟବସ୍ଥା କରାଯାଇଛି।

ଦକ୍ଷିଣ ଓଡିଶାର ଏମକେସିଜିରେ କୋଭିଡ୍ ପରୀକ୍ଷଣ ପାଇ ସୁବିଧା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଏପ୍ରିଲ ୧୬ ତାରିଖ ସୁଦ୍ଧା ବୁର୍ଲାର ଭିମସାରରେ କୋଭିଡ୍ ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ପଦକ୍ଷେପ ନେବାଲାଗି ନିର୍ଦ୍ଦେଶ ଦେଇଥିଲେ। ଆଇଜିଏଚ୍ ରାଉରକେଲାରେ କୋଭିଡ୍ ପରୀକ୍ଷଣ ଆରମ୍ଭ ହୋଇଥିବା ନେଇ ବେଠକରେ ସୂଚନା ଦିଆଯାଇଥିଲା।

କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ନିୟୋଜିତ ପୋଲିସ୍ ତଥା ପ୍ରଶାସନିକ ଅଧିକାରୀମାନଙ୍କୁ ଏବଂ ଅନ୍ୟସମସ୍ତଙ୍କୁ ଏସଂକ୍ରାନ୍ତରେ ସର୍ବୋତମ ତାଲିମ୍ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନର ପ୍ରାୟ ଦେଢ ଲକ୍ଷ ଲୋକଙ୍କୁ ବିଭିନ୍ନ ସ୍ତରରେ ତାଲିମ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

୪ କରୋନା ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଜାରି କଲେ ରାଜ୍ୟ ସରକାର

ଭୁବନେଶ୍ୱର, (ପିଏନ)- ରାଜ୍ୟ ସରକାର ମଙ୍ଗଳବାର ଦିନ ଚିହ୍ନଟ ୪ ଜଣ କରୋନା ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଜାରି କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ରାଜ୍ୟର ୫୭, ୫୮, ୫୯ ଓ ୬୦ତମ କରୋନା ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଟୁଇଟ୍ କରାଯାଇଛି।

୫୭ତମ ଆକ୍ରାନ୍ତ ଜଣେ ୫୦ ବର୍ଷିୟ ପୁରୁଷ। ସେ ବମିଖାଲର କଂଟେନମେଂଟ ଘୋଷିତ ଅଂଚଳରେ ବସବାସ କରନ୍ତି। ରାଜ୍ୟର ଆକ୍ରାନ୍ତ ନମ୍ବର ୭, ୮, ୨୨ ଓ ୩୯ ହେଉଛନ୍ତି ତାଙ୍କ ପଡ଼ୋଶୀ। ଲକଡାଉନ ଘୋଷଣା ହେବା ପରେ ମାର୍ଚ୍ଚ ୨୨ରୁ ଏପ୍ରିଲ ୧୩ ଯାଏଁ ସେ ବମିଖାଲର ଜୟଦୁର୍ଗା ନଗରସ୍ଥିତ ବେବିଲୋନ ଆପାର୍ଟମେଂଟରେ ହିଁ ଥିଲେ। ମାତ୍ର ଏହି ସମୟ ମଧରେ ସେ ବେଳେ ବେଳେ ପରିବା ଓ ସଉଦା ଲାଗି ବିଭିନ୍ନ ହାଟ ଓ ତେଜରାତି ଦୋକାନକୁ ଯାଇଥିଲେ। ସେ ଭୁବନେଶ୍ୱରର ରସୁଲଗଡ଼ ହାଟ, ଝାରପଡ଼ା ଗଣେଶ ମଣ୍ଡପ ନିକଟ ପରିବା ବଜାର ଓ ଝାରପଡ଼ା ଓଭରବ୍ରିଜ ନିକଟସ୍ଥ ରିଲାଏନ୍ସ ଫ୍ରେସକୁ ଯାଇଥିଲେ। ତାଙ୍କଠାରେ କୌଣସି ଲକ୍ଷଣ ନ ଥିଲେ ବି ଏପ୍ରିଲ ୧୪ରେ ତାଙ୍କର ନମୁନା ପଜିଟିଭ ଆସିଛି। ଏହା ପରେ ତାଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ୫୮ ନମ୍ବର କରୋନା ଆକ୍ରାନ୍ତ ମଧ୍ୟ ବେବିଲୋନ ଆପାର୍ଟମେଂଟରେ ରୁହନ୍ତି। ୫୧ ବର୍ଷୀୟ ମହିଳା ଜଣକ ନିଜ ଅଂଚଳରେ ଚିହ୍ନଟ ହୋଇଥିବା ଅନ୍ୟ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଅନୁମାନ କରାଯାଉଛି। ଆଜି ତାଙ୍କୁ କିମ୍ସ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ୫୯ ନମ୍ବର ୭୫ ବର୍ଷୀୟ କରୋନା ଆକ୍ରାନ୍ତ ମଧ୍ୟ ବେବିଲୋନ ଆପାର୍ଟମେଂଟରେ ରୁହନ୍ତି। ତାଙ୍କର ସ୍ୱାବ ନମୁନା ଆଜି ପଜିଟିଭ ଚିହ୍ନଟ ହେବା ପରେ ତାଙ୍କୁ କିମ୍ସ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

ଅନ୍ୟପକ୍ଷରେ ଝାରପଡ଼ାର ୫୧ ବର୍ଷିଅ ପୁରୁଷ ଆକ୍ରାନ୍ତ ଜଣକ ହେଉଛନ୍ତି ରାଜ୍ୟର ୬୦ ନମ୍ବର କରୋନା ଆକ୍ରାନ୍ତ। ସେ ୪୨ ନମ୍ବର କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ସେ ମାର୍ଚ୍ଚ ୨୨ରୁ ଏପ୍ରିଲ ୧୩ ଯାଏଁ ଝାରପଡ଼ାର ନିଳାଦ୍ରୀ ନଗରସ୍ଥିତ ଘରେ ଥିଲେ। ଏହାରି ମଧରେ ସେ କେସୁରା ହାଟ, ରସୁଲଗଡ଼ ହାଟ ଓ ପଳାଶୁଣୀ ହାଟକୁ ଗ୍ରୋସରୀ ଓ ପରିବା କିଣିବାକୁ ଯାଇଥିଲେ। ଆଜି ତାଙ୍କର ନମୁନା ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ କିମ୍ସ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

କୃଷି କ୍ଷେତ୍ରକୁ କଟକଣାମୁକ୍ତ କଲେ ସରକାର

ଭୁବନେଶ୍ୱର, (ପିଏନ):ଅଧିକାଂଶ ରାଜ୍ୟବାସୀ କୃଷି ଉପରେ ନିର୍ଭରଶୀଳ। ତେଣୁ ଫସଲ ଅମଳ ଓ ଏହାର ପରିବହନ, ବିହନ, ସାର ଓ କୀଟନାଶକ ଆଦିର ପରିବହନକୁ ଲକ୍ ଡାଉନ୍ କଟକଣାମୁକ୍ତ କରାଯାଇଛି। ବିହନ, ସାର ଏବଂ କୀଟନାଶକ ଔଷଧ ଦୋକାନ ଦିନର ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଖୋଲା ରହିବ। ସାମାଜିକ ଦୂରତା ବଜାୟ ରଖି ଏହାର ଉପଲବ୍ଧତା ଓ ବିକ୍ରିକୁ ସୁନିଶ୍ଚିତ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ ସୂଚନା ଦେଇଛନ୍ତି।

ସେ ,କହିଛନ୍ତି ଯେ ବିହନ, ସାର ଏବଂ କୀଟନାଶକ ଔଷଧର ପଣ୍ୟାଗାର ସୁବିଧାକୁ କଟକଣାମୁକ୍ତ ରଖାଯାଇଛି। ଫସଲ ଅମଳ ଏବଂ କୃଷି କାର୍ଯ୍ୟ ନିମନ୍ତେ ବ୍ୟବହୃତ କୃଷି ଯନ୍ତ୍ରପାତିର ପରିବହନକୁ ଅନୁମତି ପ୍ରଦାନ କରାଯାଇଛି। ଏସବୁ ଯନ୍ତ୍ରପାତିର ମରାମତି ନିମନ୍ତେ ୱର୍କସପ୍ ଖୋଲାରହିବ। ଯକୃଷି କ୍ଷେତ୍ରରେ ଭଡାସୂତ୍ରରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତିର ବ୍ୟବହାରକୁ କଟକଣାମୁକ୍ତ କରାଯାଇଛି। ରବି ଫସଲ ଯଥା-ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଆଦିର ସଂଗ୍ରହ ନିମନ୍ତେ ସଂଗ୍ରହ କେନ୍ଦ୍ର ଖୋଲାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଏଥି ପାଇଁ ନାଫେଡ୍‌ର ଇ-ସମୃଦ୍ଧି ପୋର୍ଟାଲ୍‌ରେ ନାମ ପଂଜୀକରଣ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି। ରାଜ୍ୟ ଜିଲ୍ଲା ଓ ବ୍ଲକ୍ ରୁ ପଂଚାୟତ ସ୍ତର ପର୍ଯ୍ୟନ୍ତ ସମସ୍ତ କୃଷି କାର୍ଯ୍ୟାଳୟ ଖୋଲା ରଖିବାକୁ କୁହାଯାଇଛି। କୃଷି ସହ ନିୟୋଜିତ ସମସ୍ତ ସଂସ୍ଥା ଯଥା ବିହନ ନିଗମ, ନାଫେଡ୍, କୃଷି ଶିଳ୍ପ ନିଗମ, କାଜୁ ନିଗମ, ଓୟୁଏଟି, କୃଷି ବିଜ୍ଞାନ କେନ୍ଦ୍ର ଆଦି ଖୋଲା ରହିବ। କୃଷକ ମାନଙ୍କର କୌଣସି ଅସୁବିଧା ବା ପ୍ରଶ୍ନ ଥିଲେ ଆମ କୃଷି ଟୋଲ ଫ୍ରି ନମ୍ବର ୧୮୦୦୧୦୨୫୧୬୬କୁ କଲ୍ କରିବାକୁ କୁହାଯାଇଛି। ଚଳିତ ବର୍ଷ ପ୍ରାୟ ୨୬.୬୬ ଲକ୍ଷ ହେକ୍ଟରଜମିରେ ରବି ଚାଷ ହୋଇଛି। ସେଥିରୁ ପାଖାପାଖି ୧୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ, ୩୦.୫ ଲକ୍ଷ ମେଟ୍ରିକ୍ ଟନ୍ ମୁଗ, ୧ ଲକ୍ଷ ମେଟ୍ରିକ୍ ଟନ୍ କୋଳଥ, ୫୦ ହଜାର ମେଟ୍ରିକ୍ ଟନ୍ ଶୋରିଷ ଅମଳ ଲକ୍ଷ୍ୟ ରଖାଯାଇଛି। ଲକ୍ ଡାଉନ୍ ସମୟରେ କୃଷି ଯନ୍ତ୍ରପାତି ଉତ୍ପାଦନକାରୀ ସଂସ୍ଥା, ଗୋଦାମ ଗୃହ, ହୋଲ୍‌ସେଲ୍/ଖୁଚୁରା ଦୋକାନ କିମ୍ବା ଡିଲର ପ୍ରତିଷ୍ଠାନଗୁଡ଼ିକ ଖୋଲା ରହିବ। ରାଜ୍ୟ ଭିତରେ ଓ ରାଜ୍ୟ-ରାଜ୍ୟ ମଧ୍ୟରେ ଜରୁରୀ କୃଷି ଉପକରଣ ଏବଂ କୃଷି ଉତ୍ପାଦ ପରିବହନ କରୁଥିବା ଯାନଗୁଡ଼ିକୁ କଟକଣାମୁକ୍ତ କରାଯାଇଛି। ଉତ୍ପାଦିତ କୃଷି ଦ୍ରବ୍ୟର ଅବାଧ ପରିବହନ ନିମନ୍ତେ ଉତ୍ପାଦନକାରୀ ଏବଂ ଗାଡ଼ିଗୁଡ଼ିକ ପାଇଁ ପାସ୍‌ର ଆବଶ୍ୟକତା ନାହିଁ।

ବିଶେଷ ଅସୁବିଧା କ୍ଷେତ୍ରରେ ସ୍ଥାନୀୟ ଉଦ୍ୟାନବିତ୍‌ଙ୍କ ପରାମର୍ଶ କ୍ରମେ ପରିବା ଚଷୀ ବିଶେଷ କରି ତରଭୂଜ, ବିଲାତି ବାଇଗଣ ଓ ବାଇଗଣ ଆଦି ବିକ୍ରୟ କରୁଥିବା ଚାଷୀ ସ୍ଥାନୀୟ ବଜାରରେ ବିକ୍ରି କରିବା ପାଇଁ ପରାମର୍ଶ ଦିଆଯାଇଛି।

କୃଷି ଶ୍ରମିକଙ୍କ ସମସ୍ୟାକୁ ଏଡାଇବା ପାଇଁ ବିହନ ପ୍ରସ୍ତୁତ କରୁଥିବା ପଂଜୀକୃତ କୃଷକଙ୍କ ବ୍ୟତୀତ ଅନ୍ୟ ଚାଷୀମାନଙ୍କୁ କମ୍ବାଇନଡ ହାର୍ଭେଷ୍ଟର ବ୍ୟବହାର କରି ଠିକ୍ ସମୟରେ ଧାନ ଅମଳ କରବାକୁ ପରାମର୍ଶ ଦିଅ ।ଯାଇଛି। ଆଳୁ ଚାଷୀ ମାନେ ନିକଟସ୍ଥ ଶୀତଳ ଭଣ୍ଡାରରେ ଅମଳ ଆଳୁକୁ ରଖିବାକୁ କୁହାଯାଇଛି। ପିଆଜ ଗୁଡିକୁ ଲୋ କଷ୍ଟ ଷ୍ଟୋରେଜ୍ ରେ ରଖିବାକୁ କହାଯାଇଛି। ଲଙ୍କା ନଷ୍ଟ ହେଉଥିବାରୁ ,ଚାଷୀଙ୍କୁ ଲଙ୍କା ପାଚିବା ଯାଏଁ ରଖିବା ପରେ ତୋଳି ଅଧିକ ଦିନ ସାଇତି ରଖିବାକୁ ପରାମର୍ଶ ଦିଆଯାଇଛି।

ଏହା ବ୍ୟତୀତ ଖରିଫ୍ ଚାଷ ନିମନ୍ତେ ଫସଲ ଋଣ ନେବା ପାଇଁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି। ଆମ କୃଷି ଏବଂ ଏମ୍-କିସାନ୍ ମାଧ୍ୟମରେ କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ମାର୍ଗଦର୍ଶିକାରୁ ଲାଭ ଉଠାଇ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥି ପାଇଁ କୃଷକମାନେ ୦୬୭୪-୬୬୬୭୧୭୧କୁ ମିସ୍ କଲ୍ ଦେଲେ 'ଆମ କୃଷି ସେବାରେ ସେମାନେ ପଂଜୀକୃତ ହୋଇପାରିବେ।

ରାଜ୍ୟବ୍ୟାପୀ ଆମ୍ବେଦକର ଜୟନ୍ତୀ ପାଳିତ

ଆଧୁନିକ ଭାରତ ଗଠନରେ ବାବା ସାହେବଙ୍କ ଅବଦାନ ଅତୁଳନୀୟ: ବିଜେପି

ଭୁବନେଶ୍ୱର, (ପିଏନ)-ସାମାଜିକ ଦୂରତାକୁ ଦୃଷ୍ଟିରେ ରଖି ଆଜି ରାଜ୍ୟବ୍ୟାପୀ ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ୧୨୯ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ସଭାପତି ତଥା ବିଜେପି ସାଂସଦ ବସନ୍ତ ପଣ୍ଡା, ବରଗଡ ସାଂସଦ ସୁରେଶ ପୂଜାରୀ, ପୂର୍ବତନ ମନ୍ତ୍ରୀ କେ.ଭି ସିଂହଦେଓ ନିଜ ଘରେ ରହି ବାବା ସାହେବଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଭୁବନେଶ୍ୱର ଏଜି ଛକ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଛନ୍ତି। ସେହିପରି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି ବାବା ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ରାଜ୍ୟ ସଭାପତିଙ୍କ ଅନୁରୋଧ କ୍ରମେ ଲକ୍ଷାଧିକ କାର୍ଯ୍ୟକର୍ତା ସୁରକ୍ଷା ଦୃଷ୍ଟିରୁ ନିଜ ଘରେ ରହି ବାବା ସାହେବଙ୍କ ଜନ୍ମ ଜୟନ୍ତୀକୁ ପାଳନ କରିଛନ୍ତି।

ବାବା ସାହେବ ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଆଧୁନିକ ଭାରତ ଗଠନରେ ତାଙ୍କ ଅବଦାନ ଏବଂ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। ବାବାସାହେବ କେବଳ ସମାଜର ଅନ୍ତିମ ଧାଡିରେ ଥିବା ଲୋକଙ୍କ କଲ୍ୟାଣ ପାଇଁ ଯେ ଚିନ୍ତାକରୁଥିଲେ ତା'ନୁହେଁ ସମାଜରେ ସମାନତା, ସାର୍ବଭୌମତ୍ୱ, ଓ ମହିଳା ସଶକ୍ତିକରଣ ଭଳି ବହୁବିଧ ଓ ବହୁ ଆୟାମୀ ଜନକଲ୍ୟାଣକାରୀ ବ୍ୟବସ୍ଥା ସମ୍ବିଧାନରେ ଯୋଡି ଭାରତୀୟ ଗଣତବକୁ ସଶକ୍ତ ତଥା ବଳିଷ୍ଠ କରିଥିଲେ। ସେଥିମଧ୍ୟରୁ ସମସ୍ତଙ୍କ ପାଇଁ ଶିକ୍ଷା, ମହିଳାମାନଙ୍କ ମାତୃତ୍ୱ କାଳିନ ସବେତନିକ ଛୁଟି ବ୍ୟବସ୍ଥା, ଶ୍ରମିକ ମାନଙ୍କ ପାଇଁ ଗୋଟିଏ ଦିନ ଅର୍ଥାତ ୮ ଘଂଟା ସମୟକୁ ହିଁ ଦିନକର ମଜୁରୀ ବ୍ୟବସ୍ଥା ଆଦି ସେ କରିଥିଲେ। ସେ ଏକାଧାରରେ 'ଶିକ୍ଷା ସଂଘର୍ଷ ତଥା ସଂଗଠନ' ଭଳି ସ୍ଲୋଗାନ ପ୍ରବର୍ତନ କରି ସମାଜକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ। ଆମ୍ବେଦକରଙ୍କ ପାଇଁ ଦେଶର ଶୋଷିତ, ଦଳିତ, ଆଦିବାସୀ ମହିଳା, ଦରିଦ୍ର ସମସ୍ତେ ନ୍ୟାୟ ପାଇବାକୁ ସମର୍ଥ ହୋଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ବର୍ତମାନ ସମୟରେ କରୋନା ପୂରା ବିଶ୍ୱରେ ଏକ ଭୟଙ୍କର ମହାମାରୀର ରୂପ ନେଇଛି। ରାଷ୍ଟ୍ରୀୟ ଓ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବିଜେପି କାର୍ଯ୍ୟକର୍ତା ମାନେ ସ୍ୱଚ୍ଛତା ଏବଂ ସାମାଜିକ ଦୂରତାକୁ ଧ୍ୟାନରେ ରଖି ଫିଡ୍ ଦି ନିଡି- ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ୨ ଟି ଗରିବ ବସ୍ତିର ଲୋକଙ୍କମାନଙ୍କୁ ଭୋଜନ ବ୍ୟବସ୍ଥା କରାଇଛନ୍ତି। ଭୁବନେଶ୍ୱର ବରଗଡ ପାଖ ବସ୍ତିରେ ବିଜେପି କାର୍ଯ୍ୟକର୍ତାମାନେ ବସ୍ତି ବାସିନ୍ଦାଙ୍କୁ ଖାଦ୍ୟ ଯୋଗାଇବା ସହ ଘର ତିଆରି କରିଥିବା ଫେସ କଭର ତଥା ମାସ୍କକୁ ବସ୍ତି ବାସିନ୍ଦାଙ୍କୁ ବଂଟନ କରିଛନ୍ତି।

ସେହିପରି ପ୍ରତି ଗରିବ ବସ୍ତିର ବାସିନ୍ଦା ମାନଙ୍କୁ 'ମୋ ବସ୍ତି- କରୋନା ମୁକ୍ତ ବସ୍ତି' ର ଶପଥ କରାଇବା ସହ ସେମାନଙ୍କ ଉତମ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସମାଜିକ ଦୂରତା, ପ୍ରଶାସନିକ ନିୟମ ଏବଂ ମୁହଁରେ ମାସ୍କ ଲଗାଇ ସମସ୍ତ କାର୍ଯ୍ୟ ସଂପନ୍ନ କରାଯାଇଛି। ରାଜ୍ୟର ୩୬ ଟି ସାଙ୍ଗଠନିକ ଜିଲ୍ଲାର ସମସ୍ତ ମଣ୍ଡଳରେ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି।